Sch.--LIII--F.No.10

OSWAS DIARY
No. 14166
Date 5/5/21

## NOTE SHEET

ଅନୌପଚାରିକ ନିର୍ଗମନ ସଂଖ୍ୟା 121/SI ତାରିଖ 04.05.2021

ସରକାରୀ ସ୍ତରରେ ଓଡିଆ ଭାଷା ଅଗ୍ରାଧିକାର ଭିତ୍ତିରେ ବ୍ୟବହାର ପାଇଁ ଓଡିଶା ସରକାର ଗୁରୁତର ସହ ବିଚାରକରି ସମସ୍ତ ନଥି (ଟିପ୍ପଣୀ ତଥା ପତ୍ରାଳାପ) ଓଡିଆରେ ସମ୍ପାଦିତ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଏହା ଉଲ୍ଲେଖଯୋଗ୍ୟ ଯେ ଏହି ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ବିଭିନ୍ନ ସମୟରେ ଶିଳ୍ପବିଭାଗରେ ପ୍ରାପ୍ତହୋଇ ଏହାର ପ୍ରଚଳନପାଇଁ ସମସ୍ତ ଅଧିକାରୀଙ୍କୁ ବିଦ୍ଧିବଦ୍ଧ ଭାବେ ଜଣାଇ ଦିଆଯାଇଥିଲେ ମଧ ଏଯାବତ୍ ବିଭାଗରେ ଓଡିଆ ଭାଷାର ବ୍ୟବହାର ଆଦୌ ଉତ୍ସାହଜନକ ନୁହେଁ । ଏଥିରୁ ଏହା ସ୍ପଷ୍ଟ ଯେ, ବିଭାଗର ଅଧିକାରୀମାନେ ଏହି ନିର୍ଦ୍ଦେଶନାମାକୁ ପାଳନ କରିବାରେ ଟାଳଟୁଳ ନିତି ଅବଲମ୍ବନ କରୁଛନ୍ତି, ଯାହା ସେବାଆଚାର ସଂହିତାର ଅବମାନନା ତଥା ସରକାରୀ କାର୍ଯ୍ୟସମ୍ପାଦନାରେ ଅବହେଳା ବୋଲି ଧରାଯିବ ।

ଏହି ପରିପ୍ରେକ୍ଷୀରେ ଶିଳ୍ପବିଭାଗର ସମସ୍ତ ଅଧିକାରୀମାନଙ୍କୁ ସୂଚାଇ ଦିଆଯାଉଛି ଯେ ଏହି ନିର୍ଦ୍ଦେଶନାମା ପ୍ରାପ୍ତହେବା ଦିନଠାରୁ ପ୍ରତ୍ୟେକ କାର୍ଯ୍ୟଦିବସରେ ଓଡିଆଭାଷାରେ ଅତିକମରେ ୨ (ଦୁଇ) ଗୋଟି ପ୍ରତ୍ୟକ୍ଷନଥି ଅଥବା ଓଡିଶା ସଚିବାଳୟ ସ୍ୱୟଂଚାଳିତ କାର୍ଯ୍ୟସମ୍ପାଦନ ପ୍ରକ୍ରିୟା (ହାଡ୍ ଫାଇଲ/ଓସୱାସ) ମାଧମରେ ୧୫ (ପନ୍ଦର) ଦିନ ପର୍ଯ୍ୟନ୍ତ ଉପରିସ୍ଥ ଅଧିକାରୀଙ୍କୁ ପ୍ରେରଣ କରିବା ସହ ଏହାକୁ ଶତପ୍ରତିଶତ କାର୍ଯ୍ୟକାରୀ କରିବା ବିଧେୟ । ପରନ୍ତୁ ଅତି ଜରୁରୀ କିମ୍ବା ଆବଶ୍ୟକ ନଥିଲେ ଇଂରାଜୀ ଭାଷାର ବ୍ୟବହାର କରାଯାଇ ପାରିବନାହିଁ । କୌଣସି ପରିସ୍ଥିତିରେ ଏହାର ବ୍ୟତିକ୍ରମ ଗ୍ରହଣୀୟ ନୁହେଁ ।

ଏହି ସମ୍ବନ୍ଧୀୟ ବ୍ୟବହାରିକ ସୁପରିଚାଳନା ପାଇଁ ପ୍ରତ୍ୟେକ ଉପବିଭାଗର ଦାୟିତ୍ୱରେ ଥିବା ଅନୁଶାସନ ସଚିବ କିମ୍ବା ଡେସ୍କ ଅଧିକାରୀମାନେ ଏକ ସାପ୍ତାହିକ ତଥ୍ୟଭିତ୍ତିକ ବିବରଣୀ କାର୍ଯ୍ୟାଳୟ ପ୍ରତିଷ୍ଠାନର ଯୁଗ୍ମଶାସନ ସଚିବଙ୍କୁ ପ୍ରଦାନ କରିବେ ।

ବିଭାଗ ତରଫରୁ ଓଡିଆଭାଷାରେ କାର୍ଯ୍ୟସମ୍ପାଦନ ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଅଧିକାରୀ ମାନଙ୍କ ନାମ ସୂଚନା ଫଳକରେ ସ୍ଥାନପାଇବା ଦ୍ୱାରା ସେମାନେ ସରକାରୀ କାର୍ଯ୍ୟରେ ଓଡିଆଭାଷାର ଶତପ୍ରତିଶତ ବ୍ୟବହାର ପାଇଁ ଅଧିକ ଉତ୍ସାହିତ ହେବେ ।

ଏହି ସୂଚନା ଶିଳ୍ପ ବିଭାଗର ସମସ୍ତ ଅଧିକାରୀଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଉ ।

ପ୍ରମୁଖ ଶାସନ ସଚିବ
ଶିଳ୍ପ ବିଭାଗ
Principal Secretary to Govt.
Industries Department

ଶିଳ୍ପ ବିଭାଗର ସମସ୍ତ ଅଧିକାରୀ

OGP(Forms)DTP
307-40,00,000
08-12-2014